
ଶନିବାର, ୪ ଫେବୃୟାରୀ, ୨୦୨୩

# ପିଲାଙ୍କ ଧରିତ୍ରୀ



# ଅନ୍ୟକୁ ସାହାଯ୍ୟ କର

## ଗପ

ମିତା ଘର ପାଖରେ ଗୋଟିଏ ଗଛ ଥିଲା। ମିତା ଦେଖିଲା ସେ ଗଛକୁ ଅନେକଗୁଡ଼ିଏ ପକ୍ଷୀ ବାରମ୍ବାର ଆସୁଛନ୍ତି, ଯାଉଛନ୍ତି। ଚଢ଼େଇମାନେ ଥଣ୍ଟରେ ଛୋଟବଡ଼ ନଡ଼ାକୁଟା କାଠି ଆଣି ଗଛର ଡାଳରେ ରଖୁଛନ୍ତି। ସେଇ ନଡ଼ାକୁଟାରେ ସେମାନେ ଏକ ସୁନ୍ଦର ବସା ତିଆରି ଆରମ୍ଭ କଲେ। ମିତା ମାଆଙ୍କୁ ପଚାରିଲା – ମାଆ ! ଏହି ପକ୍ଷୀମାନେ କେତେ ସୁନ୍ଦର ବସା ତିଆରି କରୁଛନ୍ତି! ମା' କହିଲେ – ଏମାନେ ହେଲେ ବାଇ ଚଢ଼େଇ, ଆଉ ସେମାନେ ସୁନ୍ଦରଭାବେ କୁଶଳୀ ଆର୍କିଟେକ୍ଙ୍କ ଭଳି ବସା ତିଆରି କରିପାରନ୍ତି। ଏହି ବସା ଦେଖିବାକୁ ଯେମିତି ସୁନ୍ଦର ସେମିତି ମଜବୁତ ବି। ଯେତେ ଝଡ ପବନ ହେଲେ ବି ଏହି ବସାଗୁଡ଼ିକ ଆଦୌ ନଷ୍ଟ ହୁଏନି। ଏହାର କାରଣ ହେଉଛି, ସେମାନେ ପରିଶ୍ରମ ଓ ନିଷ୍ଠାର ସହିତ ନିଜ କାର୍ଯ୍ୟ କରନ୍ତି।

ଏହା କହି ମାଆ ରୋଷେଇ ଘରକୁ ଚାଲିଗଲେ। ଏହି ସମୟରେ ମିତା ବାଡ଼ି ହଲାଇ ତାଙ୍କର ବସାକୁ ଭାଙ୍ଗି ଦେଲା। ପକ୍ଷୀଗୁଡ଼ିକ ତାଙ୍କର ଖାଦ୍ୟଶସ୍ୟ ନେଇ ଫେରି ଆସି ଦେଖିଲେ ଯେ ତାଙ୍କର ବସା ଭାଙ୍ଗି ଯାଇଛି। ନଡ଼ାକୁଟା କାଠି ପବନରେ ଉଡ଼ିଯାଇଛି। ତାଙ୍କର କଠିନ ପରିଶ୍ରମ ବ୍ୟର୍ଥ ଦେଖି ଚଢେଇମାନେ ବହୁତ ଦୁଃଖିତ ହେଲେ। କିଛି ସମୟ କିଚିରିମିଚିରି ହେବା ପରେ ପୁଣି ଥରେ ବସା ବାନ୍ଧିବା ଆରମ୍ଭ କଲେ। ବସା ହୋଇଯିବା ପରେ ଖାଦ୍ୟ ସଂଗ୍ରହ ପାଇଁ ପୁଣି ଚାଲିଗଲେ। ମିତା ସେ ବସାକୁ ପୁଣି ଭାଙ୍ଗିଦେଲା। ଚଢ଼େଇମାନେ ପୁଣି ବସା ତିଆରି କଲେ। ମିତା ଏମିତି ବାରମ୍ବାର କରୁଥିବାବେଳେ ଚଢ଼େଇମାନେ ବି ବାରମ୍ବାର ବସା ବାନ୍ଧୁଥିଲେ। ଦିନେ ମିତା ବସା ଭାଙ୍ଗୁଥିବା ସମୟରେ ତାଙ୍କ ମା' ଦେଖିଦେଲେ ଓ ସେ ବିରକ୍ତ ହୋଇ କହିଲେ ତୁ ଏ କ'ଣ କରୁଛୁ? କାହାର ବସା ଭାଙ୍ଗିବା ଠିକ୍ ନୁହେଁ। ମଣିଷ ହେଉ କି ପଶୁପକ୍ଷୀ ହୁଅନ୍ତୁ କାହାକୁ ବିଚଳିତ କରିବା ଉଚିତ ନୁହେଁ। କିନ୍ତୁ ମା'ଙ୍କ କଥା ମିତା ଉପରେ କୌଣସି ପ୍ରଭାବ ପକାଇ ନ ଥିଲା। ସେ କୋଠରିରୁ ବାହାରକୁ ଯିବା ମାତ୍ରେ ବାଡ଼ି ନେଇ ପୁଣି ବସା ଭାଙ୍ଗିବା ଆରମ୍ଭ କରିଦେଲା। ମାଆ ଏଗୁଡ଼ିକ ଦୂରରୁ ଦେଖିଲେ ଓ ଭାବିଲେ ଏହାକୁ ଏକ ଶିକ୍ଷା ଦେବା ଦରକାର। ମିତାର ଅତି ପ୍ରିୟ ଖେଳଣାକୁ ଦୁଇ ଖଣ୍ଡ କରି ଭାଙ୍ଗି ଦେଲେ। ମିତା ଆସି ଦେଖେ ତ ତା'ର ଖେଳଣାଟି ଭାଙ୍ଗି ପଡ଼ିଛି। ବହୁତ କାନ୍ଦିଲା, ଦୁଃଖ କଲା। ମାଆଙ୍କ ଆଗରେ ସବୁ ଦୁଃଖ ଜଣାଇଲା। ମାଆ କହିଲେ – ମୁଁ ତୋର ଖେଳଣାଟି ଯୋଡ଼ି ଦେବି କିନ୍ତୁ ତୁ ଚଢ଼େଇମାନଙ୍କ ପାଇଁ ବସା ତିଆରି କରି ପାରିବୁ କି? ମାଆଙ୍କ କଥା ଶୁଣି ମିତା ବଗିଚାରୁ ନଡ଼ା ଘାସ କୁଟାକାଠି ସଂଗ୍ରହ କଲା। ସେ ମାଆଙ୍କୁ କହିଲା, ମୁଁ ଅଳ୍ପ ସମୟରେ ବସା ତିଆରି କରିଦେବି। ସେ ଗଛର ଶାଖାରେ ଚଢି ନଡ଼ା ରଖିଲା, ତା' ଉପରେ ଘାସ ଗୁଡ଼ାଇ ରଖିଲା। କିନ୍ତୁ ନଡ଼ା ଏପରି ରଖିଲା ଯେ ସେଗୁଡ଼ିକ ଡାଳରେ ରହିଲା ନାହିଁ। ସେ ବାରମ୍ବାର ଚେଷ୍ଟା କରି ସବୁ ବୃଥା ହେଲା। ଶେଷରେ ସେ ଗଛ ତଳେ ବସି କାନ୍ଦିବାକୁ ଲାଗିଲା। କିଛି ସମୟ ପରେ ମିତାର ମା' ଆସି ତାକୁ ସାନ୍ତ୍ୱନା ଦେଲେ ଓ କହିଲେ କୌଣସି କାର୍ଯ୍ୟକୁ ନଷ୍ଟ କରିବା ସହଜ କିନ୍ତୁ ତାକୁ ତିଆରି କରିବା ବହୁତ କଷ୍ଟ। ଯଦି ତୁମେ ପାରିବ, ଅନ୍ୟମାନଙ୍କୁ ସାହାଯ୍ୟ କର। କାହାକୁ ହଇରାଣ କର ନାହିଁ ଏବଂ ଅନ୍ୟର କାମକୁ ନଷ୍ଟ କର ନାହିଁ। ମିତା ଅନୁଭବ କଲା ଯେ, ତାଙ୍କ ମା'ଙ୍କ କଥା ନ ଶୁଣି ସେ ବଡ଼ ଭୁଲ କରିଛି। ଏବେଠାରୁ ସେ ମା'ଙ୍କର ସବୁ କଥା ମାନିବ ବୋଲି ନିଷ୍ପତ୍ତି ନେଲା। ଏହାପରେ ଚଢ଼େଇ ବସା କରିବା ପରେ ସେ ଆଉ ଭାଙ୍ଗିଲା ନାହିଁ।



**– ଲଳିତ ମୋହନ ମିଶ୍ର**
ନୟାଗଡ଼, ମୋ: ୯୪୩୭୯୮୫୮୬୬

## ଖିଲି ଖିଲି ହସ

ଚିକୁ– 'ଆଇଆମ୍‌ଗୋଇଙ୍ଗ' ଅର୍ଥ କ'ଣ କହିଲୁ ?
ମିକୁ–ମୁଁ ଯାଉଛି ।
ଚିକୁ– ଏମିତି କେମିତି ପଳାଇବୁ ? ଏହି ପ୍ରଶ୍ନ ମୁଁ ଦଶ ଜଣଙ୍କୁ ପଚାରିସାରିଲିଣି ସମସ୍ତେ ଖାଲି କହୁଛନ୍ତି ମୁଁ ଯାଉଛି, ଏହାର ଠିକ୍ ଉତ୍ତର କହି କି ଯା ମିକୁ।

ଶିକ୍ଷକ କ୍ଲାସରେ ପିଲାଙ୍କୁ କହୁଥିଲେ– ଖାଇବା ଆଗରୁ ହାତ ଧୋଇବ
ରାଜୁ: କିନ୍ତୁ ମୁଁ ଧୁଏନି ସାର୍ !
ଶିକ୍ଷକ: କାହିଁକି
ରାଜୁ: ସାର୍, ମୁଁ ଖାଇବା ପରେ ହିଁ ହାତ ଧୁଏ !
ଶିକ୍ଷକ: କାହିଁକି ?
ରାଜୁ: କାଳେ ମୋବାଇଲ୍‌ରେ ଦାଗ ଲାଗିଯିବ ସେଥିପାଇଁ।

ଦିନେ ଦୁଇଟି ମୂଷା ବାଇକ୍ ଚଲାଇ ରାସ୍ତାରେ ଯାଉଥିଲେ। ରାସ୍ତାରେ ଯାଉଥିବା ସମୟରେ ଗୋଟେ ବାଘଛୁଆ ସହ ଭେଟ ହେଲା। ବାଘଛୁଆ କହିଲା –ମୋତେ ଟିକେ ଗାଡ଼ିରେ ବସାଇବ! କିଛି ସମୟ ଭାବିଲା ପରେ ଗୋଟେ ମୂଷା କହିଲା– ଭାବି କି ଦେଖ, ପଛରେ ନ ହେଲେ ତୋ ମା' କହିବ ଗୁଣ୍ଡାମାନଙ୍କ ସହ ବୁଲୁଛୁ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ମଶା ନ ଥିବା ଦେଶ

**ମଶା କାମୁଡିବା ଦ୍ୱାରା ଆମେ ଅସ୍ତବ୍ୟସ୍ତ ହୋଇଯାଉ। ସେମାନେ ଆମ ଶରୀରରୁ ରକ୍ତ ଶୋଷିବା ସହ ରୋଗ ଛାଡି ଦେଇ ଯାଇଥାନ୍ତି। ତେବେ ସବୁଠାରୁ ଆଶ୍ଚର୍ଯ୍ୟକର କଥା ହେଉଛି, ଏପରି ଏକ ଦେଶ ଅଛି, ଯେଉଁଠି ମଶା ଦେଖିବାକୁ ମିଳନ୍ତି ନାହିଁ।**

ଉତ୍ତର ଆଣ୍ଟଲାଟିକ୍ ମହାସାଗରସ୍ଥିତ ଆଇସ୍‌ଲାଣ୍ଡ ଏଭଳି ଏକ ଦେଶ ଯେଉଁଠାରେ ମଶା,ସାପ କିମ୍ବା ରେପଟାଇଲ୍ ଜାତୀୟ ପ୍ରାଣୀ ଦେଖାଯା'ନ୍ତି ନାହିଁ। ଆଇସ୍‌ଲାଣ୍ଡ ପରି ଆଣ୍ଟାର୍କଟିକାରେ ମଧ୍ୟ ମଶା ନାହାନ୍ତି। ଆଇସ୍‌ଲାଣ୍ଡରେ ପ୍ରବଳ ଶୀତ ଯୋଗୁ ମଶା ବଂଶ ବିସ୍ତାର କରିପାରେ ନାହିଁ। ସେଠାରେ ବର୍ଷକୁ ୩ଥର ପ୍ରବଳ ଶୀତ ଅନୁଭୂତ ହୋଇଥାଏ। ଆଇସଲାଣ୍ଡରେ ମାଟି, ଜଳ ଓ ପବନରେ ଏପରି ରାସାୟନିକ ଉପାଦାନ ଅଛି ଯାହାଯୋଗୁ ମଶା ପ୍ରଜନନ କରିପାରନ୍ତି ନାହିଁ। ଅତ୍ୟଧିକ ଥଣ୍ଡାରେ ସେମାନଙ୍କ ପ୍ୟୁପା ବିକଶିତ ହୁଏ ନାହିଁ। ତେଣୁ ସେମାନେ ଜନ୍ମ ହୋଇପାରନ୍ତି ନାହିଁ। ଆଇସ୍‌ଲାଣ୍ଡର ୱେବ୍ ସାଇଟ୍ସ ଅନୁଯାୟୀ, ଏଠାରେ ମଶା ବଞ୍ଚି ପାରୁ ନ ଥିବା ବେଳେ ଏହାର ପଡ଼ୋଶୀ ଦେଶ ନରୱେ, ଡେନ୍‌ମାର୍କ, ସ୍କଟଲାଣ୍ଡ ଏବଂ ଗ୍ରୀନଲାଣ୍ଡରେ ମଶା ଦେଖାଯା'ନ୍ତି। ୟୁନିଭରସିଟି ଅଫ୍ ଆଇସ୍‌ଲାଣ୍ଡର ଜୀବବିଜ୍ଞାନୀ ଜିସଲ ମେର୍ ଜିସେଲସନ୍ କୁହନ୍ତି, ଗତ ଦୁଇ ଦଶନ୍ଧି ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଆଇସ୍‌ଲାଣ୍ଡର ତାପମାତ୍ରା ୧୬ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇଛି। ତେଣୁ ଏହି ସମୟ ମଧ୍ୟରେ ୨ଶହ ନୂଆ ପ୍ରଜାତିର କୀଟପତଙ୍ଗ ଜନ୍ମ ହୋଇଛନ୍ତି। ଯାହା ପୂର୍ବରୁ ଏଠାରେ ଦେଖାଯାଉ ନଥିଲେ। ଯଦି ଭବିଷ୍ୟତରେ ଏପରି ତାପମାତ୍ରା ବୃଦ୍ଧି ପାଏ ତେବେ ମଶା ମଧ୍ୟ ଏଠାରେ ଦେଖାଯିବାର ସମ୍ଭାବନା ରହିଛି। ତେବେ ଆଇସ୍‌ଲାଣ୍ଡର ନାଚୁରାଲ୍ ହିଷ୍ଟ୍ରୀ ଇନଷ୍ଟିଚ୍ୟୁଟ୍‌ରେ ଏକ ଆଲକୋହଲ୍ ଭର୍ତ୍ତି ଜାର୍‌ରେ ଗୋଟିଏ ମଶାକୁ ଲୋକଙ୍କୁ ଦେଖାଇବା ପାଇଁ ରଖାଯାଇଛି।



## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୂରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ମତାମତ

- ପ୍ରଚ୍ଛଦ ପ୍ରସଙ୍ଗ 'ଭିଡିଓ ଗେମ୍ ଓ ପିଲା' ବିଷୟଟି ଶିକ୍ଷଣୀୟ ହୋଇଛି। ପିଲାଏ ଭିଡିଓ ଗେମ୍‌କୁ ଅଭ୍ୟାସରେ ପରିଣତ ନ କରି ଶାରୀରିକ ବ୍ୟାୟାମ କରିବା ଜରୁରୀ।
  –**ଅଙ୍କିତା ଦାସ,** ଓଡ଼ଗାଁ, ନୟାଗଡ଼
- 'କବିତା' ସ୍ତମ୍ଭରେ ସ୍ଥାନ ପାଇଥିବା କବିତାଗୁଡ଼ିକ ମନଛୁଆଁ ହୋଇଛି।
  – **ଲେନିନ୍ ମହାପାତ୍ର,** କବିସୂର୍ଯ୍ୟନଗର, ଗଞ୍ଜାମ
- 'କହିଲ ଦେଖି' ଓ 'ରଙ୍ଗ ଦିଅ' କରିବାକୁ ମଜା ଲାଗୁଛି।
  – **ଦିଶା ପରିଚ୍ଛା,** ଲିଙ୍କ୍ ରୋଡ, କଟକ
- 'ଜଣା ଅଜଣା' ସ୍ତମ୍ଭଟି ବେଶ୍ ଉପାଦେୟ ହୋଇପାରୁଛି।
  – **ଅନିମେଶ ଶତପଥୀ,** ରାଜନଗର, କେନ୍ଦ୍ରାପଡ଼ା

'ନେତାଜୀଙ୍କ ପିଲାଦିନ'
ପଢ଼ି ଖୁସି ହେଲା ମନ,
'କବିତା' ପୃଷ୍ଠା ସୁନ୍ଦର
ଲାଗିଲା ଏ ସପ୍ତାହର।
–**ଜଗଦୀଶ ସାହୁ,** ସଞ୍ଜପଡ଼ା, ହିନ୍ଦୋଳ, ଢେଙ୍କାନାଳ

## ରଙ୍ଗ ଦିଅ



# ପରୀକ୍ଷା ପ୍ରସ୍ତୁତି...



**ମୁଣ୍ଡ ଉପରେ ପରୀକ୍ଷା। ପାଠପଢାକୁ ନେଇ ଏବେ ପିଲାଙ୍କ ଟେନଶନ ବଢିଗଲାଣି। ମାତ୍ର ପରୀକ୍ଷା ପୂର୍ବରୁ ପ୍ଲାନିଂ କରି ପ୍ରସ୍ତୁତି କରିବା ନିହାତି ଜରୁରୀ। ଆଉ ମନକୁ ଶାନ୍ତ ରଖିବା ସହ ଏବେଠାରୁ ପ୍ଲାନିଂ ଅନୁସାରେ ପଢାପଢି କଲେ ପରୀକ୍ଷା ଫଳ ଭଲ ହେବାର ସମ୍ଭାବନା ଅଧିକ...**

ପରୀକ୍ଷାକୁ ଲକ୍ଷ୍ୟ ରଖି ପିଲାମାନେ ନିଜ କୋର୍ସ ସାରିବା ପାଇଁ ତତ୍ପର ହୋଇ ଉଠିଲେଣି। କିଏ ବର୍ଷଯାକର ପାଠକୁ ରିଭାଇଜ କରୁଛି ତ ଆଉ କେହି ରୁଟିନ୍ କରି ନିଜକୁ ପ୍ରସ୍ତୁତ କରୁଛନ୍ତି। ସଭିଏଁ ପରୀକ୍ଷାରେ ଭଲ ନମ୍ବର ରଖିବାକୁ ଚେଷ୍ଟା ଜାରି ରଖିଛନ୍ତି। ତେବେ ପରୀକ୍ଷା ଲାଗି ପିଲାମାନେ ଏବେ କିଭଳି ଭାବେ ପ୍ରସ୍ତୁତ ହେଉଛନ୍ତି ଜାଣନ୍ତୁ ସେ ସମ୍ପର୍କରେ...

## ଦୁର୍ବଳ ବିଷୟ ପ୍ରତି ଧ୍ୟାନ ଦେଉଛି

ପରୀକ୍ଷା ସମୟ ପାଖେଇ ଆସିଲେ ଟିକେ ନର୍ଭସ ହୋଇଯାଏ। ନର୍ଭସନେସ୍ ଯୋଗୁ ପରୀକ୍ଷା ହଲ୍‌ରେ କିଛି ଲେଖି ପାରେନାହିଁ। ସେଭଳି ଭୁଲ୍ ଯେପରି ହେବନି ସେଥିପାଇଁ ଧ୍ୟାନ ରଖୁଛି। ଏବର୍ଷ ଦଶମ ପରୀକ୍ଷା ଦେବି। ଏଥିପାଇଁ ଶତ ପ୍ରତିଶତ ଭଲ କରିବାକୁ ଚେଷ୍ଟା କରୁଛି। ଇଂରାଜୀରେ ଦୁର୍ବଳ ଥିବାରୁ ତା' ପାଇଁ ସ୍ୱତନ୍ତ୍ର ଟ୍ୟୁଶନ ହେଉଛି। ସମୟ କମ୍ ଥିବା ହେତୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନୋତ୍ତର ପ୍ରତି ବିଶେଷ ଧ୍ୟାନ ଦେଉଛି। ରାତିରେ ଡେରି ଯାଏଁ ନ ପଢି ଭୋରରୁ ଉଠି ପାଠ ପଢୁଛି। ସକାଳୁ ନିଦ ଛାଡ଼ିବା ପାଇଁ ପ୍ରଥମେ ଅଙ୍କ କଷୁଛି। ତା'ପରେ ଅନ୍ୟ ସବୁ ପାଠ ରିଭାଇଜ କରୁଛି।

**-ଧୃତିକାନ୍ତ ବାରିକ,** କ୍ଲାସ୍-୧୦, ଡିଏଭି ପବ୍ଲିକ୍ ସ୍କୁଲ, ଆଇଟିପିସି, ବନହରପାଲି,ଝାରସୁଗୁଡା



## ଅଭିଭାବକମାନେ ପିଲାଙ୍କ ମନୋବଳ ବଢ଼ାନ୍ତୁ



ପରୀକ୍ଷାରେ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବା ନିହାତି ଆବଶ୍ୟକ। ଅଦମ୍ୟ ଇଚ୍ଛାଶକ୍ତି ଏବଂ ଧୈର୍ଯ୍ୟ ଦ୍ୱାରା ସଫଳତା ମିଳିପାରିବ। ଏବେ ସିଲାବସ୍ ଅନୁଯାୟୀ ପରୀକ୍ଷାକୁ ଆଗ ଅପେକ୍ଷା ବହୁତ ସରଳ କରାଯାଇଛି। ପ୍ରତିଟି ଧାଡ଼ି ଏବଂ ପ୍ରତିଟି ବିଷୟ ଗୁରୁତ୍ୱପୂର୍ଣ୍ଣ। କୌଣସି ବିଷୟକୁ ହେୟ ଭାବିବା ଉଚିତ ନୁହେଁ। ତେଣୁ ସବୁଗୁଡିକୁ ଧ୍ୟାନର ସହ ପଢ଼ନ୍ତୁ। ସମସ୍ତ ବିଷୟକୁ ସମାନ ଗୁରୁତ୍ୱ ଦିଅନ୍ତୁ। ଏଥର ପରୀକ୍ଷାରେ ଆସୁଥିବା ପ୍ରଶ୍ନପତ୍ର ଭବିଷ୍ୟତରେ ତୁମ ପାଇଁ ଉପାଦେୟ ସାବ୍ୟସ୍ତ ହେବ। ଆଗକୁ ଯେକୌଣସି କମ୍ପିଟେଟିଭ ଏକ୍‌ଜାମ୍ ପାଇଁ ଏହି ପରୀକ୍ଷା ପାଟର୍ନ ଦ୍ୱାରା ପ୍ରସ୍ତୁତ ହୋଇପାରିବ। ଅଧିକ ନମ୍ବର ରଖିବା ଆଳରେ ଚାପଗ୍ରସ୍ତ ହେବା ଆଦୌ ଉଚିତ ନୁହେଁ। ପାଠପଢ଼ା ସହ ନିଜ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ ଏବଂ ଯଥେଷ୍ଟ ପରିମାଣରେ ପାଣି ପିଅନ୍ତୁ। ପାଠପଢ଼ାରେ କିଛି ବି ଦ୍ୱନ୍ଦ୍ୱ ଥିଲେ ଅଭିଭାବକ ଏବଂ ଶିକ୍ଷକଙ୍କଠାରୁ ପଚାରି ବୁଝନ୍ତୁ। ଅଭିଭାବକମାନେ ଏହି ସମୟରେ ପିଲାଙ୍କ ମନୋବଳ ବଢ଼ାଇବା ସହ ପରୀକ୍ଷା ପ୍ରସ୍ତୁତି ଲାଗି ଉତ୍ସାହ ପ୍ରଦାନ କରନ୍ତୁ।

**-ଅନସୂୟା ତରାଇ, ଶିକ୍ଷକ,** ରଘୁନାଥ ସାହୁ ସରକାରୀ ଉଚ୍ଚ ବିଦ୍ୟାଳୟ, ତାରାକୋଟ, ଯାଜପୁର

## ଚାର୍ଟ ପ୍ରସ୍ତୁତ କରି ପଢୁଛି



ସମୟ ନଷ୍ଟ ନ କରି ମୁଁ ପ୍ରତିଦିନ ୭ରୁ ୮ଘଣ୍ଟା ପରିଶ୍ରମ କରୁଛି। ବର୍ତ୍ତମାନ ପୂର୍ବ ବର୍ଷର ପ୍ରଶ୍ନୋତ୍ତର ସହ ରିଭାଇଜ୍ ଚାଲିଛି। ପରୀକ୍ଷାର ଟାଇମ୍ ଟେବୁଲ ଅନୁଯାୟୀ କେଉଁ ବିଷୟ କେତେବେଳେ ପଢିବି ଏଥିପାଇଁ ଚାର୍ଟ ପ୍ରସ୍ତୁତ କରିଛି। କଷ୍ଟ ଲାଗୁଥିବା ବିଷୟକୁ ବିଶେଷ ଧ୍ୟାନ ଦେଉଛି। ପରୀକ୍ଷାକୁ ଆଦୌ ବୋଝ ବୋଲି ନ ଭାବି ଆରାମରେ ସବୁ ପଢ଼ି ମନେରଖିବାକୁ ଚେଷ୍ଟା କରୁଛି। ମାମା ବାପାଙ୍କ ସହ ସ୍କୁଲ ଶିକ୍ଷକ ମଧ୍ୟ ପଢ଼ାପଢ଼ିରେ ସାହାଯ୍ୟ କରୁଛନ୍ତି।


**-ତପସ୍ୱିନୀ ଜେନା,** କ୍ଲାସ୍-୭, ଖମାଟାଣ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖମାଟାଣ, ବାଲେଶ୍ୱର

## ଦିନକୁ ୩ ଘଣ୍ଟା ମନଦେଇ ପଢୁଛି

ସ୍କୁଲରୁ ଆସି ୩ ଘଣ୍ଟା ମନ ଦେଇ ପାଠ ପଢୁଛି। କିଛି ଡାଉଟ୍ ଥିଲେ ଟ୍ୟୁଶନ୍ ଶିକ୍ଷକ, ଶ୍ରେଣୀ ଶିକ୍ଷକଙ୍କୁ ପଚାରି ଦ୍ୱନ୍ଦ୍ୱ ଦୂର କରୁଛି। ପ୍ରତିଦିନ ଭୋର ୪ଟାରୁ ଉଠି ନିତ୍ୟକର୍ମ ସାରି ପାଠପଢ଼ାରେ ଲାଗିଯାଉଛି। ମୋର ଇଂରାଜୀ ଓ ଗଣିତ ବହୁତ ଭଲ ହୁଏ। ତେଣୁ ଅନ୍ୟାନ୍ୟ ବିଷୟକୁ ଧ୍ୟାନ ସହକାରେ ପଢୁଛି। ଅଯଥା ସମୟ ନଷ୍ଟ ନ କରି ବର୍ଷସାରା ପଢ଼ାଯାଇଥିବା ପାଠର ପୁନରାବୃତ୍ତି କରୁଛି।

**-ପଦ୍ମିନୀ ସାହୁ,** କ୍ଲାସ୍-୯, ଶ୍ରୀ ଅରବିନ୍ଦ ସ୍କୁଲ ଅଫ୍ ଇଣ୍ଟେଗ୍ରାଲ ଏଜୁକେଶନ, ଭୁବନେଶ୍ୱର







୧



୨




୩



୭



୪



୫



୬



୮



**ଶ୍ରେୟାଂଶଗୀତ୍ ସାହୁ**
କ୍ଲାସ୍- ୧, କେନ୍ଦ୍ରୀୟ
ବିଦ୍ୟାଳୟ-୪, ଭୁବନେଶ୍ୱର
୧

୨
**ଆରାଧ୍ୟା ମିଶ୍ର**
କ୍ଲାସ୍-୩, ସେଣ୍ଟ
ଜାଭିୟର୍ସ ହାଇସ୍କୁଲ,
ଖଣ୍ଡଗିରି, ଭୁବନେଶ୍ୱର





**ସୌରଭ ରଞ୍ଜନ କର**
କ୍ଲାସ୍- ୪, ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
କଲେଜଛକ, କଟକ
୩

୪
**ପ୍ରମିତ ବେହେରା**
କ୍ଲାସ୍-୩, ମଞ୍ଜୁଳା
ମଞ୍ଜରୀ ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର, ଭଦ୍ରକ





**ସୁଶ୍ରୀ ସୁଦେଷ୍ଣା**
କ୍ଲାସ୍-୫, ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର, ଆଠମଲ୍ଲିକ,
ଅନୁଗୋଳ
୫

୬
**ସୌମ୍ୟରଞ୍ଜନ ପାତ୍ର**
କ୍ଲାସ୍-୨, ସରସ୍ୱତୀ ଶିଶୁ
ବିଦ୍ୟା ମନ୍ଦିର, ପୁରୀ





**ଶେଫାଳି ପ୍ରିୟଦର୍ଶିନୀ**
କ୍ଲାସ୍-୬, ଡିଏଭି ପବ୍ଲିକ
ସ୍କୁଲ, ଭୁବନେଶ୍ୱର
୭

୮
**ସାଇ ସଙ୍କେତ ମାଣିକ**
କ୍ଲାସ୍-୫, ୟଙ୍ଗ୍ ଫୋନିକ୍ସ
ପବ୍ଲିକ ସ୍କୁଲ, ଯୋଗେଶ୍ୱରପୁର,
ନୟାହାଟ, ପୁରୀ



## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




ମାତ୍ର ୩ବର୍ଷରେ ସେ ଆମେରିକାର ଏକ ଛୋଟ ସହରର ମେୟର ହୋଇଛନ୍ତି। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ସିଏ ହେଉଛନ୍ତି ଆମେରିକାର ମିନେସୋଟା ସହରର ଜେମସ୍ ଟଫଟ୍ସ। ସର୍ବକନିଷ୍ଠ ମେୟର ଭାବେ ସେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ତାଙ୍କ ବଡ଼ଭାଇଙ୍କ ପରାମର୍ଶରେ ସେ ମେୟର ହୋଇଛନ୍ତି, ଯିଏକି ଏହି ପଦବୀରେ ପୂର୍ବରୁ ଥିଲେ। ଜେମସ୍ଙ୍କ ବଡ଼ଭାଇ ତାଙ୍କଠାରୁ ଦୁଇବର୍ଷ ବଡ଼। ଏକ ଲୋକାଲ୍ ଫୁଡ୍ ଫେଷ୍ଟିଭାଲ୍‌ରେ ଜେମସ୍ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିଥିଲେ। ତାଙ୍କ ମାଆ ଇମା ଟଫଟ୍ସ ନ୍ୟୁୟର୍କ ଡେଲି ନ୍ୟୁଜ୍‌କୁ ସାକ୍ଷାତକାର ଦେଇ କୁହନ୍ତି, ଜେମସ୍ ତା’ ବଡ଼ ଭାଇ ସହିତ ଲୋକଙ୍କୁ ଭେଟିବାକୁ ଯାଏ। ସେଠାରେ ସେ ସେମାନଙ୍କ ସହିତ ହାତ ମିଳାଇବା ସହ କଥାବାର୍ତ୍ତା ମଧ୍ୟ ହୋଇଥାଏ। ମେୟର ନ ହୋଇ ମଧ୍ୟ ସେହି ସମୟରେ ନିଜକୁ ସେ ମେୟର ଭାବେ ପରିଚୟ ଦେଇଥାଏ। ସେ ଯାହା ଚାହୁଁଥିଲା ବର୍ତ୍ତମାନ ସେ ଏବେ ହୋଇସାରିଛି। ୨୨ଜଣ ବାସିନ୍ଦା ଥିବା ଏହି କଲୋନୀରେ ପ୍ରତିବର୍ଷ ମେୟର ଚୟନ କରାଯାଏ। ଗୋଟିଏ ଟୋପିରେ ଭୋଟରମାନଙ୍କ ପସନ୍ଦ ପ୍ରାର୍ଥୀଙ୍କର ନାମ ଲେଖାଯାଇ ରଖାଯାଇଥାଏ। ତେବେ ନିର୍ବାଚିତ ହୋଇଥିବା ପ୍ରାର୍ଥୀ ତାଙ୍କ ପରବର୍ତ୍ତୀ ମେୟର ପାଇଁ ନାମ ସେଇ ଟୋପିରୁ କାଢ଼ି ବାଛିଥାନ୍ତି।

## ଏଥରର

- ଜ୍ଞାନପୀଠ ବିଜେତା ଗୋପୀନାଥ ମହାନ୍ତି କେଉଁ ଉପନ୍ୟାସ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ସମ୍ମାନିତ ହୋଇଥିଲେ ?
- ଗୋପବନ୍ଧୁ ଚୌଧୁରୀଙ୍କ ସ୍ତ୍ରୀ ଥିଲେ ସ୍ୱାଧୀନତା ସଂଗ୍ରାମୀ। ତାଙ୍କ ନାମ ?
- ରମାଦେବୀ କେଉଁ ପଦବୀରୁ ଇସ୍ତଫା ଦେଇ ଆନ୍ଦୋଳନରେ ଯୋଗ ଦେଇଥିଲେ ?
- ଚାକିରି ଛାଡ଼ି ସେ କେଉଁଠି ଆଶ୍ରମ ପ୍ରତିଷ୍ଠା କରିଥିଲେ ?
- କଟକରେ ତାଙ୍କର ଆଶ୍ରମର ନାମ କ’ଣ ?

## ଗତଥରର ଉତ୍ତର

- ପେରୁର ଦକ୍ଷିଣାଞ୍ଚଳ
- ଶ୍ୱେତସାର
- ୮୦%
- ସ୍ପେନ୍
- କଲୋମ୍ବିଆ



## ମୋ ଜନମ ଭୂଇଁ

ସବୁଜ ବନାନୀ ଘେରା ମୋ ଜନମ ଭୂଇଁ
ଜନମ ଦେଇଛି ମୋତେ କୋଳେ ତା’ ବସେଇ।
ହସି ହସି ସୂରୁଜ କି କିରଣ ବିଞ୍ଚଇ
ଜହ୍ନ ଅବା କଥା କହେ ଆକାଶରେ ଥାଇ।
କେତେ ନଦ ନଦୀ ଏଠି ଯାଏ ବହି ବହି
ଅଙ୍କା ବଙ୍କା ବାଟ ଦେଇ ସାଗରେ ମିଶଇ।
ବୀଣା ଜିଣା ସୂରେ ସୂରେ କୋଇଲି ରାବଇ
ମେଘକୁ ଦେଖିଲେ ପୁଣି ମୟୂର ନାଚଇ।
ସୂରୁଜଙ୍କୁ ଚାହିଁ ଚାହିଁ ପଦୁଅଁ ହସଇ
ଫୁଲରୁ ଫୁଲକୁ ଉଡି ଭଅଁର ବସଇ।
ସୁଉଚ୍ଚ ପାହାଡ଼ ଯେତେ ମୂକ ସାକ୍ଷୀ ପରି
ଅତୀତର ବୀର ଗାଥା ହେଉଛନ୍ତି ଝୁରି ।
ଶାନ୍ତି ଆଉ ସଂହତିର ବାରତା ଶୁଣେଇ
ସୁଲୁ ସୁଲୁ ହୋଇ ପରା ବାଆ ବହୁଥାଇ।
ମହାନ୍ ସଂସ୍କୃତି ସୁସ୍ଥ ପରମ୍ପରା ପାଇଁ
ପୃଥିବୀରେ ମୁଣ୍ଡ ଟେକେ ମୋ ଭାରତ ଭୂଇଁ

**– ସତ୍ୟନାରାୟଣ ପ୍ରସାଦ ନାୟକ**
ରଥ ରୋଡ, ଭୁବନେଶ୍ୱର
ମୋ: ୯୪୩୭୭୬୪୦୧୪

## କବିତା

## କୋକିଳର ମଧୁଗୀତି

ଋତୁରାଜଙ୍କର ଆଗମନ ବାର୍ତ୍ତା
ପ୍ରଚାର କରିବା ପାଇଁ,
ପ୍ରକୃତିରାଣୀଙ୍କ ବାର୍ତ୍ତାବହ ସାଜି
କୋକିଳି ଆସଇ ଧାଇଁ।
ରୂପ ରଙ୍ଗ ସିନା କଳାଟି ତାହାର
କଣ୍ଠଟି ଅତି ମଧୁର,
ନିଘଞ୍ଚ କାନନେ କୁହୁକୁହୁ ତାନେ
ତୋଳଇ ପଞ୍ଚମ ସୁର।
କୁହୁକୁହୁ ତାନ ଅମୃତ ସମାନ
ଜିଣଇ ସବୁରି ମନ,
ବଇଁଶୀର ସ୍ୱର ବୀଣାର ଝଙ୍କାର
ସେ ସ୍ୱର ପାଶେ ନିଉନ।
ରୂପ ସିନା କଳା କଣ୍ଠ ମଧୁଝରା
ବସନ୍ତର ଚିର ସଖା,
ବସନ୍ତ ଫେରିଲେ ପିକ ଫେରିଯାଏ
ନ ମିଳଇ ଆଉ ଦେଖା।

**– ମାଧବୀଲତା ଦେଈ**
ଶ୍ରୀମୁଖ, ନିମାପଡ଼ା, ପୁରୀ
ମୋ: ୯୬୯୨୪୮୩୩୭୭

## କୋଇଲି ଗାଇଲା

ବସନ୍ତ ଆସିବ ଦିନ ତ ବାସିଲା
ବାଘୁଆ ଜାଡ଼ଟା ସରିଲା,
ଆକାଶରୁ ପରା ଝରଝର ହୋଇ
ସୁଖଶିରୀ ଯେତେ ଝରିଲା।
ଫୁଲ ତ ଫୁଟିଲା ମହକ ଛୁଟିଲା
ମଧୁର ମଳୟ ବହିଲା,
ରଙ୍ଗର ଋତୁଟି ପାଦ ଦେଲା ବୋଲି
କାନେ କାନେ କିଏ କହିଲା।
କୋଇଲି ଗାଇଲା ମନକୁ ପାଇଲା
ଧରା କିରିକିରି ହସିଲା,
ଆମ୍ବ ବଉଳରୁ ବାସ ଚହଟିଲା
ଆଶିଷର ଟୋପା ଖସିଲା।
ଭଅଁର ଉଡ଼ିଲା ନୀଡ଼ଟି ଗଢ଼ିଲା
ଏ ଫୁଲେ ସେ ଫୁଲେ ବସିଲା,
ପରଜାପତିଟି ଡେଣା ଝାଡ଼ିଝାଡ଼ି
ସବୁରି ପରାଣ ରସିଲା।
ବସନ୍ତ ଆସିଲା ଦିନ ତ ବାସିଲା
ବାଘୁଆ ଜାଡ଼ଟା ସରିଲା,
ଲଣ୍ଡା ବରଗଛେ ଖିଲିଖିଲି ହସି
କଅଁଳ ପତର ଭରିଲା।

**– ଶରତ କୁମାର ଦାସ**
ବଡ଼ବିଲ, କେନ୍ଦୁଝର
ମୋ: ୮୨୪୯୧୩୭୦୯୧

## କହିଲ ଦେଖି



ତା ଯୋଗୁ ହୁଅଇ ବରଷା ଖରା
ହସାଉଥାଏ ସେ ଆମରି ଧରା
ପକ୍ଷୀ ପାଇଁ ସାଜେ ସେ ବାସସ୍ଥାନ
ରକ୍ଷା କରୁଥାଏ ଆମ ଜୀବନ
ରହିଥିଲେ ସିଏ ଜୀବନ ଶାନ୍ତି
ଶରୀରରୁ ଆମ ମାରଇ କ୍ଲାନ୍ତି
କିଏ ସେ ପାରିବ କହି ନାମଟି ତା’ର
ଫୁଲ ଫଳ ସାଥେ ଦିଏ ଆହାର।

**ଉ- ଗଛ**



ଭୋକ ଲାଗିଲେ ସେ ଖୁଆଇ ଦିଏ
ଭୋକ ନ ଲାଗିଲେ ଜହ୍ନ ଦେଖାଏ
ନିଦ ଆସିଲେ ସେ ଶୁଆଇ ଦିଏ
ନିଦ ନ ଆସିଲେ ଗପ ଶୁଣାଏ
ଅଝଟ ହୋଇଲେ ବୁଝାଉ ଥାଏ
ରୁଷିଗଲେ ପୁଣି ଲୁହ ଝରାଏ
ମଧୁ ଠୁଁ ମଧୁର ନାମଟି ସିଏ
ନାମଟି ତାହାର କହିବ କିଏ।

**ଉ- ମାଆ**




ଛଅଟି ଅକ୍ଷରେ ଚାରୋଟି ନ
ପ୍ରଥମ ତିନୋଟି ଅଟେ ସନ୍ତାନ
ଶେଷ ତିନୋଟି ଅଟେ ଅରଣ୍ୟ
ପ୍ରଥମ ଦୁଇ ସାଜେ କୃଷ୍ଣଙ୍କ ପିତା
ଚତୁର୍ଥ ପଞ୍ଚମ ଶୁଣଇ କଥା
କିଏ ସେ ପାରିବ କହି ନାମଟି ମୋର
ପଶୁ ପକ୍ଷୀଙ୍କର ଅଟେ ମୁଁ ଘର।

**ଉ- ନନ୍ଦନକାନନ**

**–ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ: ୮୮୯୨୩୦୧୧୪୩




## ଚିପ୍ସ ପ୍ୟାକେଟ ଭିତରେ

# ଫାଙ୍କା ରୁହେ କାହିଁକି

**ସା**ଧାରଣତଃ ପିଲାମାନେ ଚିପ୍ସ ଭଳି ଚଟପଟି ସ୍ନାକ୍ସଜାତୀୟ ଖାଇବାକୁ ପସନ୍ଦ କରିଥାଆନ୍ତି। ଏପରି କି ଟାଇମ୍ ପାସ୍ କରିବାର ଏହା ଏକ ଅନ୍ୟତମ ମାଧ୍ୟମ। ହେଲେ ପିଲାଏ, ତୁମେମାନେ ଯେତେବେଳେ ଚିପ୍ସ କିଣ, ସେତେବେଳେ ସେହି ପ୍ୟାକେଟ୍ ଭିତରେ କିଛି ପରିମାଣରେ ଏୟାର ରହିଥାଏ। ତେବେ ଏଭଳି କାହିଁକି କରାଯାଇଥାଏ ? ଚିପ୍ସ ପ୍ୟାକେଟ ଭିତରେ ଏୟାର ରହିଲେ ସେଗୁଡ଼ିକ ତାଜା ରହିଥାଏ। ଯଦି ଚିପ୍ସ ପ୍ୟାକେଟ ହାତରୁ ଖସିପଡେ ତେବେ ଚିପ୍ସଗୁଡ଼ିକ ସହଜରେ ଭାଙ୍ଗି ନ ଥାଏ। ପ୍ୟାକେଟ୍ ଭିତରେ ଥିବା ଏୟାର ଚିପ୍ସଗୁଡିକୁ ରକ୍ଷା କରିଥାଏ। ଏହି ଏୟାରରେ କେବଳ ନାଇଟ୍ରୋଜେନ୍ ଗ୍ୟାସ୍ ରହିଥାଏ। ବେଳେବେଳେ ପିଲାମାନେ ଚିପ୍ସ ପ୍ୟାକେଟ କିଣିବା ପରେ ତାହାର ଦୁଇ ପଟକୁ ଧରି ହାତରେ ଚାପିଥାଆନ୍ତି। ହେଲେ ତା' ଭିତରେ ଏୟାର ଥିବା ଯୋଗୁ ପ୍ୟାକେଟ ଭିତରେ ଥିବା ଚିପ୍ସ ଭାଙ୍ଗି ଯାଇ ନ ଥାଏ। ତା'ସହ ଚିପ୍ସଗୁଡ଼ିକୁ ଖାଇଲେ ତାହା ସତେଜ ଲାଗିଥାଏ। କିଛି ବର୍ଷ ପୂର୍ବେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ ଚିପ୍ସ ପ୍ୟାକେଟ୍‌ରେ ୭୨ ପ୍ରତିଶତ ନାଇଟ୍ରୋଜେନ୍ ଗ୍ୟାସ୍ ରହୁଥିବାବେଳେ ଆଉ ବାକି ୨୮ ପ୍ରତିଶତ ଚିପ୍ସ ରହିଥାଏ।



# ତାସ୍ କାର୍ଡ ଓ ଗଞ୍ଜାପା




**ପ୍ରା**ୟ ୧୦୦୦ଖ୍ରୀଷ୍ଟାବ୍ଦ ପୂର୍ବରୁ ଚାଇନିଜ୍ ଅଧିବାସୀଙ୍କ ଦ୍ୱାରା ତାସ୍ ଖେଳ ଉଦ୍ଭାବନ ହୋଇଥିଲା। ଚାଇନାର ତାଙ୍ଗ୍ ରାଜବଂଶର ଲୋକେ ତାସ୍ ଖେଳିବା ଆରମ୍ଭ କରିଥିଲେ। ସେମାନେ ଉଡ୍‌ବ୍ଲକ୍ ପ୍ରିଣ୍ଟିଙ୍ଗ୍ ଟେକ୍ନୋଲୋଜି ଦ୍ୱାରା କାର୍ଡଗୁଡ଼ିକୁ ନିଜ ଅନୁସାରେ ଚିତ୍ରଣ କରୁଥିଲେ। ତେବେ ନବମ ଶତାବ୍ଦୀରେ ତାଙ୍ଗ୍ ରାଜବଂଶର ଜଣେ ଲେଖକ ସୁ ଇ ତାଙ୍କ ପୁସ୍ତକରେ ତାସ୍ ଖେଳ ବିଷୟରେ ଦର୍ଶାଇଥିଲେ। ଏଥିରେ ସେ କହିଥିଲେ, ୮୬୮ ଦଶକରେ ଚାଇନାର ତାଙ୍ଗଙ୍କ ଝିଅ ତଙ୍ଗଚାଙ୍ଗ୍ ଏହି ତାସ୍ ଖେଳ ନିଜ ସ୍ୱାମୀଙ୍କ ପରିବାର ସହ ଖେଳୁଥିଲେ। ୧୩୦୦ ଦଶକରେ ମାମଲୁକ୍ ଶାସନ କାଳରେ ତାସ୍‌ଖେଳ ୟୁରୋପରେ ଲୋକପ୍ରିୟ ହୋଇଥିଲା। ୧୪୦୦ଶତାବ୍ଦୀ ବେଳକୁ ରଙ୍ଗିନ କାର୍ଡ ଖେଳିବା ସେମାନେ ଆରମ୍ଭ କରିସାରିଥିଲେ। ଧନୀ ଲୋକମାନେ ଏହାକୁ ନିଜର ବିଳାସପୂର୍ଣ୍ଣ ଖେଳ ଭାବରେ ବ୍ୟବହୃତ କରୁଥିଲେ। ୫୨ଟି କାର୍ଡକୁ ଡେକ୍ ଅଫ୍ କାର୍ଡ କିମ୍ବା ପ୍ୟାକ୍ ଅଫ୍ କାର୍ଡ କୁହାଯାଉଥିଲା। ବର୍ତ୍ତମାନ ମଧ୍ୟ ୫୨ଟି କାର୍ଡ ସାହାଯ୍ୟରେ ତାସ୍ ଖେଳାଯାଉଛି। ୧୪୦୦ଶତାବ୍ଦୀରେ ପର୍ସିଆରେ ତାସ୍ ଖେଳର ନାଁ ଥିଲା 'ଗଞ୍ଜିଫା'। ତେବେ ଏ ବିଷୟରେ ପାର୍ସୀ କବି ଅହିଲି ଶ୍ରୀରାଜି 'ରୁବାଇତ୍-ଇ-ଗଞ୍ଜିଫା' ପୁସ୍ତକରେ ଲେଖିଥିଲେ। ୧୬୦୦ଶତାବ୍ଦୀରେ ଫ୍ରାନ୍ସରେ କାର୍ଡଗୁଡ଼ିକର ଡିଜାଇନ୍‌ରେ ପୌରାଣିକ ରାଜା ଏବଂ ରାଣୀଙ୍କୁ ସ୍ଥାନ ଦିଆଯାଇଥିଲା। କଳାପାନ ପତ୍ର କାର୍ଡର ରାଜା ଡେଭିଡ୍ ଓ ରାଣୀ ପଲାସ୍ ଆଥେନା, ଲାଲ୍‌ପାନ ପତ୍ର କାର୍ଡର ରାଜା ଚାର୍ଲସ୍ ୭ମ ଓ ରାଣୀ ଜୁଡିଥ୍, ଡାଇମଣ୍ଡ ଚିହ୍ନିତ ହୋଇଥିବା କାର୍ଡର ରାଜା ଜୁଲିଅସ୍ ସିଜର ଓ ରାଣୀ ରସେଲ୍, ଚିଡିଆ ଚିହ୍ନିତ କାର୍ଡ ରାଜା ଆଲେକ୍‌ଜାଣ୍ଡର ଓ ରାଣୀ ଅର୍ଜିନେଙ୍କ ନାମ ରହିଥିଲା। ଏଥିସହ କଳାପାନ ପତ୍ର କାର୍ଡର ଗୁଲାମରେ ଓଜିୟର ଦି ଡେନ୍, ଲାଲ୍‌ପାନ ପତ୍ର କାର୍ଡର ଗୁଲାମରେ ଲାହିରେ, ଡାଇମଣ୍ଡ କାର୍ଡର ଗୁଲାମରେ ହେକ୍ଟର, ଚିଡିଆ କାର୍ଡର ଗୁଲାମରେ ଜୁଡାସ ମେକବସ୍ ନାମ ସାମିଲ ହୋଇଥିଲା। ୧୮୦୦ଶତାବ୍ଦୀ ବେଳକୁ ଆମେରିକାରେ ମଧ୍ୟ ତାସ ଖେଳ ପ୍ରଚଳିତ ହୋଇଥିଲା। ସେଠାରେ ହିଁ ତାସ୍ ଖେଳରେ ଜୋକର୍ କାର୍ଡକୁ ମିଶାଯାଇଥିଲା। ଲାଲ୍ ପାନପତ୍ର କାର୍ଡରେ ଥିବା ବାଦଶାହ ଚାର୍ଲସ୍ ୭ମ 'କିଙ୍ଗ୍ ଅଫ୍ ହାର୍ଟ୍ସ' ନାମରେ ମଧ୍ୟ ପରିଚିତ। ତେବେ ଏହି କାର୍ଡରେ ଦେଖାଯାଏ କି ଚାର୍ଲସ୍ ୭ମଙ୍କ ନିଶ ଅଙ୍କା ଯାଇନାହିଁ। ପୂର୍ବ କାର୍ଡଗୁଡ଼ିକରେ ଚାର୍ଲସ୍ ୭ମଙ୍କ ନିଶ ଥିଲା, କିନ୍ତୁ ଏହି କାର୍ଡ ଯେତେବେଳେ ନୂଆ ରୂପରେ ଡିଜାଇନ୍ କରାଗଲା ଡିଜାଇନ୍‌ର ତାଙ୍କ ମୁହଁରେ ନିଶ ଆଙ୍କିବାକୁ ଭୁଲିଯାଇଥିଲେ। ଅନ୍ୟ ୩ ରାଜାଙ୍କ ନିଶ ଥିବାବେଳେ କେବଳ ଚାର୍ଲସ୍ ୭ମଙ୍କ ନିଶ ନ ଥିଲା। କିଙ୍ଗ୍ ଅଫ୍ ହାର୍ଟ୍ସଙ୍କ ଅନ୍ୟ ଏକ ନାମ 'ସୁଇସାଇଡ୍ କିଙ୍ଗ୍' ନାମରେ ମଧ୍ୟ ପରିଚିତ। କାରଣ ସେ ବାମ ହାତରେ ଧରିଥିବା ଖଣ୍ଡା ତାଙ୍କ ମୁଣ୍ଡ ପଛରେ ରହିଛି। କାର୍ଡ ଡିଜାଇନରମାନେ ଭୁଲବଶତଃ ଏପରି ଡିଜାଇନ୍ କରିଥିଲେ। ପାର୍ସୀ ପରି ଭାରତରେ ମଧ୍ୟ ଗଞ୍ଜିଫା ଖେଳ ଲୋକପ୍ରିୟ ହୋଇଥିଲା। ମୋଗଲ ଶାସକ ବାବରଙ୍କ ସମୟରେ ଗଞ୍ଜିଫା ଖେଳ ଦେଖିବାକୁ ମିଳିଥିଲା। କୁହାଯାଏ କି



ମୋଗଲମାନଙ୍କ ଗଞ୍ଜିଫାରେ ସେତେବେଳେ ବିଷ୍ଣୁଙ୍କ ଦଶବତାର ରୂପ ବର୍ଣ୍ଣନା କରାଯାଇଥିଲା। ବିଶ୍ୱାସ ରହିଛି ଓଡ଼ିଆ ଶବ୍ଦ 'ଗଞ୍ଜପା' ପାର୍ସୀ ଶବ୍ଦ 'ଗଞ୍ଜିଫା'ରୁ ଆସିଛି। ଏହା ବର୍ତ୍ତମାନ ଓଡ଼ିଶାର ପାରମ୍ପରିକ କାର୍ଡ ଖେଳ ଭାବେ ଜଣାଶୁଣା। ଏହି ବୃତ୍ତାକାର ଆକୃତିର କାର୍ଡରେ ପଟ୍ଟଚିତ୍ର ଖୋଦିତ ହୋଇଥାଏ। ଷୋଡ଼ଶ ଶତାବ୍ଦୀରେ ଆରମ୍ଭ ହୋଇଥିବା ଏହି ଖେଳ ଓଡ଼ିଆ ଘରର ପୁରୁଷ ସଦସ୍ୟ, ରାଜା ଏବଂ ତାଙ୍କର ମନ୍ତ୍ରିମଣ୍ଡଳର ମନୋରଞ୍ଜନ କରିବାର ଏକ ମାଧ୍ୟମ ପାଲଟିଥିଲା। ଏହା ମୁଖ୍ୟତଃ ଚାରିରଙ୍ଗୀ, ଆଠରଙ୍ଗୀ, ଦଶରଙ୍ଗୀ, ବାରରଙ୍ଗୀ, ଚଉଦରଙ୍ଗୀ ଏବଂ ଷୋହଳରଙ୍ଗୀ କାର୍ଡ ଭାବରେ ଖେଳାଯାଏ। ଏହି ଖେଳ ଓଡିଶାର ପୁରୀ,ଗଞ୍ଜାମ ସମେତ କେତେକ ଜିଲାରେ ଲୋକପ୍ରିୟ। କିନ୍ତୁ ଗଞ୍ଜପା ତିଆରି ଓଡ଼ିଶାର ରଘୁରାଜପୁର, ସୋନପୁର, ଦିଗପହଣ୍ଡି ଏବଂ ପାରଳାଖେମୁଣ୍ଡି ଆଦି ଅଞ୍ଚଳରେ ହେଉଥିଲା। ଏହି କାର୍ଡ ବା ପଟ ତିଆରି ପାଇଁ ଶୁଖିଲା କପଡ଼ାରେ ତେନ୍ତୁଳି ମଞ୍ଜିର ଅଠା ବୋଳି ପ୍ରସ୍ତୁତ କରାଯାଏ। ଶୁଖିଯିବା ପରେ ବିଭିନ୍ନ ରଙ୍ଗରେ ରାମାୟଣ, ଦଶାବତାର ଓ ବିଭିନ୍ନ ଚିତ୍ର ଅଙ୍କା ଯାଇଥାଏ। ରଘୁରାଜପୁରରେ ଦଶାବତାର, ଗଞ୍ଜାମର ଚିକିଟିରେ ଅଷ୍ଟମଲ୍ଲ, ଦିଗପହଣ୍ଡିରେ ବନ୍ଧସାର, ପାରଳାଖେମୁଣ୍ଡିରେ ଚଢ଼େଇସାର ଏବଂ ସୋନପୁରରେ ରାମାୟଣ ଚିତ୍ରିତ ଗଞ୍ଜପା ତିଆରି କରାଯାଇଥାଏ। କେବଳ ଓଡ଼ିଶାରେ ନୁହେଁ ଗୁଜରାଟ, ରାଜସ୍ଥାନ, କଶ୍ମୀର ଏବଂ ମହାରାଷ୍ଟ୍ରରେ ମଧ୍ୟ ଗଞ୍ଜିଫା ଖେଳାଯାଉଥିଲା। ମହାରାଷ୍ଟ୍ରରେ ଏହାର ନାମ ଥିଲା ସାୱନ୍ତୱାଡି ଗଞ୍ଜିଫା। ଦାକ୍ଷିଣାତ୍ୟ ରାଜାଙ୍କର ଏହି ଖେଳ ମହୀଶୂର ଗଞ୍ଜିଫା ଭାବେ ଲୋକପ୍ରିୟ ।



# ହଟ୍ ଏୟାର ବେଲୁନରେ ବୁଲିବା ବ୍ୟୟବହୁଳ କାହିଁକି

**ଦେ**ଶରେ କେତେକ ସ୍ଥାନରେ ହଟ୍ ଏୟାର ବେଲୁନ୍‌ରେ ବୁଲିବାର ବ୍ୟବସ୍ଥା ରହିଛି। ଏଥିରେ ବୁଲି ଆପଣ ମଜା ନେଇପାରିବେ। କିନ୍ତୁ ହଟ୍ ବେଲୁନ୍ ରାଇଡ୍ ପାଇଁ ହଜାର ହଜାର ଟଙ୍କା ଦେବାକୁ ପଡ଼ିଥାଏ। ତେବେ ଏହା ଏତେ ବ୍ୟୟବହୁଳ କ'ଣ ପାଇଁ ? ଏହାର ମୁଖ୍ୟ କାରଣ ହେଲା - ମେଣ୍ଟେନାନ୍ସ, ଅପରେଟ୍ ଏବଂ ସେଗୁଡିକର ରକ୍ଷଣାବେକ୍ଷଣ କରିବା ଲାଗି ଖର୍ଚ୍ଚ ଅଧିକ ହୋଇଥାଏ। ଆଉ ଏକ କାରଣ ହେଲା- ଏଥିରେ ଲାଗିଥିବା ବାସ୍କେଟ୍, ଯେଉଁଥିରେ ଏକ ସାଙ୍ଗରେ କେତେକ ଲୋକ ଏକାଠି ଠିଆ ହୋଇଥାନ୍ତି,ତାହାର ମୂଲ୍ୟ ମଧ୍ୟ ବହୁତ ଅଧିକ ହୋଇଥାଏ। ଏହି ଏୟାର ବେଲୁନ୍‌କୁ ରଖିବା ଲାଗି ଅଧିକ ସ୍ଥାନର ମଧ୍ୟ ଆବଶ୍ୟକ ହୋଇଥାଏ। ଏହି ହଟ୍ ଏୟାର ବେଲୁନ୍‌ର ଦାମ୍ ମଧ୍ୟ ୧୪ ଲକ୍ଷରୁ ଆରମ୍ଭ ହୋଇ ୬୦ଲକ୍ଷ ପର୍ଯ୍ୟନ୍ତ ରହିଛି। ଏହାର ଆକାର ଅନୁସାରେ ଦାମ୍ ନିର୍ଣ୍ଣିତ ହୁଏ। ଯଦି ରକ୍ଷଣାବେକ୍ଷଣ ଠିକ୍‌ରେ ନ ହୁଏ ଏହା ଖରାପ ହେବାର ମଧ୍ୟ ଯଥେଷ୍ଟ ଆଶଙ୍କା ରହିଛି। ଏହାର ଇନ୍ଧନ ଓ କର୍ମଚାରୀ ଖର୍ଚ୍ଚ ମଧ୍ୟ କିଛି କମ୍ ନୁହେଁ। ଏଥିରେ ଇନ୍ଧନ ରୂପେ ସାଧାରଣତଃ ଗ୍ୟାସ୍ ବ୍ୟବହୃତ ହୋଇଥାଏ।



# ଆ ଇ ନା



ଶିବାଂଶ ସ୍ୱୟଂଶୁ ସାହୁ
୪ ବର୍ଷ, ଖୋର୍ଦ୍ଧା



ସିୟା ମହାପାତ୍ର
୩ ବର୍ଷ, ଢେଙ୍କାନାଳ